# ହୃଦୟଲୋକ

## ପ୍ରଫେସର ଦେବୀପ୍ରସନ୍ନ ପଟ୍ଟନାୟକ ଅଭିନନ୍ଦନ ଗ୍ରନ୍ଥ





# ହୃଦୟଲୋକ

## ପ୍ରଫେସର ଦେବୀପ୍ରସନ୍ନ ପଟ୍ଟନାୟକ ଷଷ୍ଠିପୂର୍ତ୍ତି ଅଭିନନ୍ଦନ ଗ୍ରନ୍ଥ

**ସଂପାଦକ:**
ଡ. ଶରତ କୁମାର ଜେନା
**ସୌଜନ୍ୟ ସଂପାଦକ:**
ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ
**ସଂପାଦନା ମଣ୍ଡଳୀ:**
ଡ. କୁଳମଣି ଓଝା, ଡ. ହୃଷୀକେଶ ପଣ୍ଡା, ଡ. ମନୋରଞ୍ଜନ ବିଷୋୟୀ
**ଆୟୋଜକ:** ପ୍ରଫେସର ଦେବୀପ୍ରସନ୍ନ ପଟ୍ଟନାୟକ ଅଭିନନଦନନ ସମିତି
**ପ୍ରକାଶକ:** ଏଥେନା ବୁକ୍ସ, ଭୁବନେଶ୍ୱର
**ମୁଦ୍ରଣ:** ଏଥେନା ବୁକ୍ସ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ଅକ୍ଟୋବର ୨୦୨୧
ମୂଲ୍ୟ: ୫୦୦/- ଟଙ୍କା ମାତ୍ର

**HRUDAYALOKA**
**(A Man of Heart)**
Compendium of Felicitations for Prof. Devi Prasanna Patnaik

**Editor :**
Dr. Sarat Kumar Jena
**Guest Editor :**
Dr. Sidharth Sankar Padhy
**Editorial Board :**
Dr. Kulamani Ojha, Dr. Hrusikesh Panda, Dr. Manoranjan Bisoyi
Organised by: Prof. Devi Prasanna Paatnaik Abhinandan Samiti
**Publisher-** : Athena Books, Bhubaneswar
**Printer** : Athena Books, Bhubaneswar
**First Publication** : October 2021
Price : 500/-
ISBN 13 978-93-80824-20-8

# ଚିତ୍ରକଳ୍ପର କଳ୍ପବଟ

## ଡ. ଜଗନ୍ନାଥ ବିଷୋୟୀ

ବିଚ୍ଛିନ୍ନାଞ୍ଚଳ (ଆନ୍ଧ୍ରପ୍ରଦେଶ)ର ଶ୍ରୀକାକୁଲମ୍ ଜିଲ୍ଲା, ଟେକ୍କାଲି ସରକାରୀ ଡିଗ୍ରୀ ମହାବିଦ୍ୟାଳୟରେ +୩ ଓଡ଼ିଆ, ସ୍ୱତନ୍ତ୍ର ପତ୍ର ପାଠ୍ୟକ୍ରମରେ ୧୯୯୫-୯୬ ମସିହାରେ ମୁଁ ଛାତ୍ର ଥିଲି । ସେ ବର୍ଷ ମୋର ଅଗ୍ରଜ ବୃନ୍ଦାବନ ଦଳାଇ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଭଞ୍ଜବିହାର ଓଡ଼ିଆ ବିଭାଗରେ ଏମ୍.ଏ. ପ୍ରଥମ ବର୍ଷର ଛାତ୍ର ଏବଂ ସେ ଋଷିକୁଲ୍ୟା ଛାତ୍ରାବାସରେ ଡ. ଶରତ କୁମାର ଜେନା ଏବଂ ଡ.ରାଜେନ୍ଦ୍ର କୁମାର ତ୍ରିପାଠୀ ଭାଇନାଙ୍କ ସାଙ୍ଗରେ ଏକତ୍ର ରହୁଥିଲେ । +୩ ଓଡ଼ିଆ ସ୍ୱତନ୍ତ୍ର ପତ୍ରର ମୁଁ ଛାତ୍ର ଥିବାରୁ ଅଗ୍ରଜ ବୃନ୍ଦାବନଙ୍କ ଛାତ୍ରାବାସକୁ ଯାଇ ପାଠ୍ୟ ସମ୍ବନ୍ଧୀୟ ତଥ୍ୟ ସଂଗ୍ରହ କରୁଥିଲି । ବୃନ୍ଦାବନ ଭାଇନା ଓଡ଼ିଆ ବିଭାଗର ଶ୍ରେଣୀକକ୍ଷରୁ ଛାତ୍ରାବାସକୁ ଆସି ପ୍ରଫେସର୍ ଦେବୀପ୍ରସନ୍ନ ପଟ୍ଟନାୟକ ସାରଙ୍କ ବ୍ୟକ୍ତିତ୍ୱ ଓ ପଠନ ଶୈଳୀ ସମ୍ପର୍କରେ ଚମତ୍କାର ଟୀକା ଟିପ୍ପଣୀ କରୁଥିଲେ । ଭାଇନାଙ୍କ ସେହି ଆଲୋଚନାରୁ ମୋ ମନରେ ଦେବୀସାରଙ୍କ ଚରିତ୍ରର ଏକ ସୁନ୍ଦର ଚିତ୍ରକଳ୍ପ ସୃଷ୍ଟି ହୋଇ ସାରିଥିଲା । ସୁଯୋଗ ଖୋଜୁଥିଲି ମନର ଚିତ୍ରକଳ୍ପ ବଟଛାଇରେ ଆଶ୍ରୟ ନେବା ପାଇଁ ।

ଭାଗ୍ୟର ବିଡ଼ମ୍ବନା, ସେ ଆକାଂକ୍ଷିତ ସୁଯୋଗ ଓଡ଼ିଆ ଏମ୍.ଏ. ପଢ଼ିବା ବେଳେ ଆସି ନଥିଲା । କାରଣ ୧୯୯୮ ମସିହାରେ ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ମହାବିଦ୍ୟାଳୟରେ ସ୍ନାତକୋତ୍ତର ଶେଷ କରିବାକୁ ପଡ଼ିଲା । ଛାତ୍ର ସିନା ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ମହାବିଦ୍ୟାଳୟର ହେଲି, କିନ୍ତୁ ମନ ରାଜ୍ୟରେ ଭଞ୍ଜବିହାରର ମନୋରମ ଦୃଶ୍ୟ ବିଶେଷକରି କଳ୍ପବଟ ତୁଲ୍ୟ ଗୁରୁ ଦେବୀସାରଙ୍କ ପ୍ରତ୍ୟକ୍ଷ ଛାତ୍ର ହେବାର ଲାଳସା ସଦାସର୍ବଦା ଜାଗ୍ରତ ହେଉଥିଲା । ଏମ୍.ଏ.ରେ କୃତକାର୍ଯ୍ୟ ହେଲା ପରେ ଜୀବିକା ନିର୍ବାହ ନିମନ୍ତେ ସରକାରୀ ଡିଗ୍ରୀ ମହାବିଦ୍ୟାଳୟ ଟେକ୍କାଲିରେ ୨୦୦୨ ମସିହାରେ ଓଡ଼ିଆ ଅଧ୍ୟାପକ ଜୀବନ ଆରମ୍ଭ କଲି । ଅଗ୍ରଜ ବୃନ୍ଦାବନ, ଡ. ଶରତ କୁମାର ଜେନା, ଡ. ରାଜେନ୍ଦ୍ର କୁମାର ତ୍ରିପାଠୀଙ୍କ ପ୍ରେରଣାରେ ଭଞ୍ଜବିହାରରେ ଏମ୍.ଫିଲ୍.ରେ ନାମ ଲେଖାଇଥିଲି ସିନା ; ମନର ଚିତ୍ରକଳ୍ପ ପୁରୁଷ ଦେବୀସାରଙ୍କୁ କ୍ଲାସ ରୁମ୍‌ରେ ଭେଟିବା ପରେ ତାଙ୍କ ନିକଟତର ହେବା ପାଇଁ ମନ ଭୟ ଓ ସଂକୋଚରେ ସଂକୁଚିତ ହୋଇଗଲା । ପାଠ ପଢ଼ିଲି ସିନା, ସନ୍ଦର୍ଭ ପ୍ରସ୍ତୁତି ନିମନ୍ତେ ତତ୍ତ୍ୱାବଧାରକ ଚୟନ କରିବାକୁ ହେଲେ ମନର ମଣିଷ ଦେବୀସାରଙ୍କର ନିକଟତର ହେବାକୁ ପଡ଼ିବ । ମନର ଭୟ ଯୋଗୁଁ ଦିନ ପରେ ଦିନ ଗଡ଼ି ଚାଲିଲା, ସାରଙ୍କର ନିକଟତର ହୋଇପାରିଲି ନାହିଁ । ମନର ଦୁର୍ବଳତାର

ବୃନ୍ଦାବନ, ଶରତ, ରାଜେନ୍ଦ୍ରଙ୍କୁ ଜଣାଇଥିଲି । ସେମାନଙ୍କ ପ୍ରେରଣା ଏବଂ ସହଯୋଗରେ ସାରଙ୍କ ବ୍ୟକ୍ତିଗତ ପ୍ରକୋଷ୍ଠରେ ମନର ପୁରୁଷ ଦେବୀ ସାର୍‌ଙ୍କୁ ଭେଟ ହେଲା । ନିଜଂକୋଟରେ ସବୁ ବିଷୟ ପ୍ରକାଶ କଲି । ଅଲୌକିକ ବିଦ୍‌ବତ୍ତାର ଗୁଣଗ୍ରାହୀ ଦେବୀସାର୍ ସେହି ମୁହୂର୍ତ୍ତରୁ ହିଁ ନିଜର କରିନେଲେ । ନାରୀକେଳ ସଦୃଶ ସାର୍‌ଙ୍କ ହୃଦୟର ପରିଚୟକୁ ସେହିଠାରେ ବିଶ୍ଳେଷଣ କଲି । ୨୦୦୩ ମସିହାରେ 'ଗଞ୍ଜାମର ଲୋକ ସଂସ୍କୃତି' ବିଷୟ ଚୟନରେ ସନ୍ଦର୍ଭ ପ୍ରସ୍ତୁତି କରି ଏମ୍.ଫିଲ୍. ଡିଗ୍ରୀ ପ୍ରାପ୍ତ ହେବା ସହ ପରେ ପରେ ୨୦୧୧ ମସିହାରେ 'ନାଟ୍ୟକାର ମନୋରଞ୍ଜନ ଦାସଙ୍କ ଏକାଙ୍କିକା ପରମ୍ପରା' ବିଷୟ ଚୟନ କରି ଗବେଷଣା ସନ୍ଦର୍ଭ ପ୍ରସ୍ତୁତି କରି ପିଏଚ୍.ଡି. ପ୍ରାପ୍ତ ହେଲି । ଜୀବନରେ ଅନେକ ଗୁରୁଙ୍କ ସଂସ୍ପର୍ଶରେ ଆସିଛି, କିନ୍ତୁ ଦେବୀସାର୍‌ଙ୍କ ପରି ମହନୀୟ ଗୁରୁ କେଉଁଠି ପାଇ ନାହିଁ ।

ମୁଁ ଆନ୍ଧ୍ରପ୍ରଦେଶର ବିଚ୍ଛିନ୍ନ ମାଟିରେ ଜନ୍ମଗ୍ରହଣ କରିଥିଲେ ମଧ୍ୟ ଓଡ଼ିଆ ସାହିତ୍ୟର ମହାନ୍ ବିଦ୍ୱାନ୍ ପଣ୍ଡିତ ଦେବୀସାର୍‌ଙ୍କ ଅଲୌକିକ ପରଶମଣି ସ୍ପର୍ଶରେ ସାହିତ୍ୟିକ ଜଗତରେ ପରିଚିତି ଲାଭ କରିବା ସହ ବିଚ୍ଛିନ୍ନାଞ୍ଚଳର ପ୍ରଥମ ଓଡ଼ିଆ ଭାବେ ପିଏଚ୍.ଡି. ଡିଗ୍ରୀ ଲାଭ କରିବାର ସୁଯୋଗ ପାଇଛି । ସାର୍‌ଙ୍କ କିଞ୍ଚିତ ଅସହଯୋଗରେ ଏ ଉପାଧି ମୋ ପାଇଁ ଗ୍ରୀଷ୍ମର ମରୀଚିକା ହୋଇ ରହିଯାଇଥା'ନ୍ତା । ପୂଜ୍ୟ ଗୁରୁଙ୍କ ବିଶାଳ ହୃଦୟରୁ ହିଁ ଏହା ସମ୍ଭବିଛି ।

ସାର୍‌ଙ୍କ ଏ ମହାନ୍ ଅବଦାନକୁ ଜୀବିତାବସ୍ଥାରେ ଭୁଲିବାର ନାହିଁ । ଆଜି ସାର୍‌ଙ୍କ ଷଷ୍ଠିପୂର୍ତ୍ତି ଉତ୍ସବ ଅବକାଶରେ ପ୍ରକାଶ ପାଉଥିବା ଅଭିନନ୍ଦନ ଗ୍ରନ୍ଥରେ ମୋ ଲେଖା ମାଧ୍ୟମରେ ସାର୍‌ଙ୍କୁ ଭକ୍ତିପୂତ ପ୍ରଣାମ ଜଣାଉଛି । ମୋ ପୂଜ୍ୟ ଗୁରୁଙ୍କ ଆଗାମୀ ଜୀବନ ପୁଷ୍ପିତ ହେଉ ବୋଲି ପ୍ରଭୁ ଜଗନ୍ନାଥଙ୍କ ଠାରେ ଶତ ଶତ ପ୍ରଣାମ ।

■

ଅଧ୍ୟାପକ, ଓଡ଼ିଆ ବିଭାଗ,
ସରକାରୀ ଡିଗ୍ରୀ ମହାବିଦ୍ୟାଳୟ, ପୁରୁଣାପାଟଣା
ଶ୍ରୀକାକୁଲମ୍ ଜିଲ୍ଲା (ଆ.ପ୍ର)